# Akashvani, Sambalpur

## SAMBALPURI NEWS MORNING BULLETIN

## 9 April 2026 - 6.47- 6.52 am.

---

ପେଜ୍ ଇଣ୍ଡଷ୍ଟ୍ରିଜ୍-ମୁଖ୍ୟମନ୍ତ୍ରୀ          ଆଇ ଆଣ୍ଡ୍ ପି.ଆର୍

ଓଡ଼ିଶାକେ ପୂର୍ବ ଭାରତ୍‌ର ସୁରତ୍-ତିରିପୁର୍ ଭାବେ ଗଢ଼୍‌ବାର୍ ଲାଗି ସର୍‌କାର୍ ସଂକଳ୍ପବଦ୍ଧ ଆନ୍ ବଲି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ କହିଛନ୍ । କଟକ୍ ଜିଲ୍ଲାର୍ ରାମ୍‌ଦାସ୍‌ପୁର୍ ଠାନେ ଗଲାକାଏଲ୍ ପେଜ୍ ଇଣ୍ଡଷ୍ଟ୍ରିଜ୍ ତର୍‌ଫୁ ସ୍ଥାପିତ୍ ଗୁଟେ ବୃହତ୍ ଆପରେଲ୍ ମେନୁଫେକ୍‌ଚରିଂ ୟୁନିଟ୍‌ର ଉଦ୍‌ଘାଟନ୍ କରିକରି ମୁଖ୍ୟମନ୍ତ୍ରୀ କହିଛନ୍, ଇତାର୍‌ଜରିଏ ମହିଳା ସଶକ୍ତିକରଣ୍ ଆହୁରି ବର୍‌କସ୍ ହେଇକରି ନିଯୁକ୍ତି ସୁଯୋଗ୍ ବଢ଼ାବା । ପାଖାପାଖି ୭ ଶହ ୫୦ କୋଟି ଟଙ୍କା ଖର୍ଚ୍ଚାଥି ହେଇଥିବା ଇ ଉଦ୍ୟୋଗ୍ ଜରିଏ ୫ ହଜାର୍ ୮ ଶହ ନୁ ଅଏତ୍‌କା ୟୁଆନ୍ ପିଲାଟୁକେଲ୍‌ଙ୍କୁ ନୂଆଁ ନିଯୁକ୍ତି ସୁଯୋଗ୍ ଦେବା । ଇ ପେଜ୍ ଇଣ୍ଡଷ୍ଟ୍ରିଜ୍‌ର ଆଉ ଗୁଟେ ୟୁନିଟ୍ ଖୋର୍ଦ୍ଧା ଭୂଇଁପୁର୍ ଠାନେ

ଶିଲାନ୍ୟାସ୍ କରାଯାଇଛେ । ୨ ଶହ ୫୮ କୋଟି ଟଙ୍କା ଖର୍ଚ୍ଚାଥି ଇ ୟୁନିଟ୍ ନ ୩ ହଜାର୍ ୫ ଶହ ନିଯୁକ୍ତି ସୁଯୋଗ୍ ତିଆର୍ ହେବା ।

ଟ୍ରାନ୍ସମିଶନ୍ ଲାଇନ୍ ଲୋକାର୍ପଣ ଆର୍ଏନ୍ୟୁ/ ସମ୍ବଲପୁର

ଭୁବ୍ନେଶ୍ୱର୍ ବିଦ୍ୟୁତ୍ ଶକ୍ତି ବ୍ୟବସ୍ଥାର୍ ସମ୍ପ୍ରସାରଣ୍ ଲାଗି ୬ ଶହ କୋଟି ଟଙ୍କା ଖର୍ଚ୍ଚାଥି ୩ ଟା ଗ୍ରୀଡ୍ ସବ୍ଷ୍ଟେସନ୍ ଆଉ ୮ ଟା ଗୁରୁତ୍ୱପୂର୍ଣ୍ଣ ଟ୍ରାନ୍ସମିଶନ୍ ଲାଇନ୍ର ଆଏଜ୍ ଲୋକାର୍ପଣ୍ କରାଯିବା । ରାଜ୍ୟ ଶକ୍ତି ବିଭାଗ୍ ତର୍ଫୁ ଖୋର୍ଦ୍ଧା ବାଲିଅନ୍ତା ଠାନେ ହେବାର୍କେ ଥିବା ଲୋକାର୍ପଣ୍ କାର୍ଯ୍ୟକ୍ରମ୍ଥି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ମୁଖ୍ୟଅତିଥି ଭାବେ ଯୋଗ୍ ଦେବେ । ଇ ଅବ୍ସରେ ଉପମୁଖ୍ୟମନ୍ତ୍ରୀ ଆଉ ଶକ୍ତିମନ୍ତ୍ରୀ କନକ୍ ବର୍ଦ୍ଧନ୍ ସିଂହଦେଓ, ଭୁବ୍ନେଶ୍ୱର୍ ସାଂସଦ୍ ଅପରାଜିତା ଷଡ଼ଙ୍ଗୀ ପ୍ରମୁଖ୍ ଯୋଗ୍ ଦେବାର୍ କାର୍ଯ୍ୟସୂଚୀ ରହିଛେ ।

ଓଡ଼ିଆ ପକ୍ଷ-ବହିଘିନା ଆଇ ଆଣ୍ଡ୍ ପି.ଆର୍

ଓଡ଼ିଆ ପକ୍ଷ -୨୦୨୬ ପାଲନ୍‌ର ୯ ନମ୍ବର୍ ଦିନେ ଆଏଜ୍ ବହିଘିନା ଅଭିଯାନ୍‌ର ଆୟୋଜନ୍ କରାଯାଉଛେ । ବହିର ଗୁରୁତ୍ୱ ବାବ୍‌ଦେ ଲୁକ୍‌କୁ ସଚେତନ୍ କର୍‌ବାର୍ ସହେତେ ବହି ଘିନ୍‌ବାର୍ ଆର୍ ପଢ୍‌ବାର୍ ଅଭ୍ୟାସ୍‌କେ ଜାରି ରଖ୍‌ବାର୍‌କେ ଯୁଆନ୍ ପିଢ଼ିକେ ତହଁକାବାର୍ ଲାଗି ଲକ୍ଷ୍ୟ ରଖାଯାଇଛେ ।

ଗଲାକାଏଲ୍ ପକ୍ଷର ୮ ନମ୍ବର୍ ଦିନେ ସ୍ୱାସ୍ଥ୍ୟ ଆଉ ପରିବାର୍ କଲ୍ୟାଣ୍ ବିଭାଗ୍ ଆଉ ଉଚ୍ଚଶିକ୍ଷା ବିଭାଗ୍ ତର୍‌ଫୁ ସାରା ରାଏଜେ ରକ୍ତଦାନ୍ ଅଭିଯାନ୍‌ର ଆୟୋଜନ୍ କରାଯାଇଥିଲା । ଇଥି ଦୁହି ବିଭାଗ୍ ତର୍‌ଫୁ ସାରା ରାଏଜେ ମୋଟ୍ ୬ ହଜାର୍ ୪ ଶହ ୪୧ ୟୁନିଟ୍ ରକ୍ତସଂଗ୍ରହ କରାଯାଇଛେ । ଇ ଅବ୍‌ସରେ ଭୁବ୍‌ନେଶ୍ୱର୍ ରେଡ଼କ୍ରସ୍ ଭବନ୍ ଠାନେ ହେଇଥିବା ରକ୍ତଦାନ୍ ଶିବିର୍ ଆଉ ସାଧାରଣ ସଭାଥି ସ୍ୱେଚ୍ଛାସେବୀମାନ୍‌କୁ ସମ୍ବର୍ଦ୍ଧିତ୍ କରାଯାଇଥିଲା ।

ସାମାଜିକ୍ ଗଣମାଧ୍ୟମ ଆର୍‌ଏନ୍‌ୟୁ/ ସମ୍ବଲପୁର

ଏତ୍‌କର ସାମାଜିକ୍ ଗଣମାଧ୍ୟମ୍‌ର ଅପବ୍ୟବହାର୍ କରି ନାଇଁ ହୁଏ ଆଉ ଇଥିର୍‌ଲାଗି ଖୋବ୍ ଜଲ୍‌ଦି ଆଇନ୍ ଲାଗୁ କରାଯିବା ବଲି

ଆଇନ୍‌ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ୍ କହିଛନ୍ । ଇତାକେ ଉଲ୍ଲଂଘନ୍ କଲେ କଡ଼ା କାର୍ଯ୍ୟାନୁଷ୍ଠାନ୍ ନିଆଯିବା । ରାଏଜେ ପ୍ରିଭେନ୍‌ସନ୍ ଅଫ୍ ହେଟ୍ ସ୍ପିଚ୍ ଏଣ୍ଡ୍ ହେଟ୍ କ୍ରାମ୍ ଏକ୍ଟ ଲାଗୁ କର୍‌ବାର୍‌କେ ସର୍‌କାର୍ ଯୋଜ୍‌ନା କରୁଛନ୍ । ଇଥିର୍‌ଲାଗି ଲ’ କମିଶନ୍ ସର୍‌କାର୍‌ଙ୍କୁ ନିର୍ଦ୍ଦେଶ୍ ଦେଇଛନ୍ । ଖୋବ୍ ଜଲ୍‌ଦି ଇତାକେ ଡ୍ରାଫ୍‌ଟ କରିକରି କାର୍ଯ୍ୟକାରୀ କରାଯିବା ବଲି ଆଇନ୍‌ମନ୍ତ୍ରୀ ଶ୍ରୀ ହରିଚନ୍ଦନ୍ କହିଛନ୍ ।

ବିଦ୍ୟାଲୟ -ୟୁନିଫର୍ମ ବଂଟନ୍ ଆର୍‌ଏନ୍‌ୟୁ/ ସମ୍ବଲପୁର

ଆଏବା ଏପ୍ରିଲ୍ ୨୭ ତାରିଖ୍‌ତକ୍ ରାଜ୍ୟର୍ ଶିଶୁବାଟିକାନୁ ୧୦ ଶ୍ରେଣୀତକ୍ ଛାତ୍ରଛାତ୍ରୀମାନ୍‌କୁ ୟୁନିଫର୍ମ ଦିଆଯିବାର୍ ସହେତେ ସେସବୁର୍ ଗୁଣବତାର୍ ଯାଂଚ୍ କରାଯିବା । ଇଥିର୍‌ଲାଗି ଓଡ଼ିଶା ବିଦ୍ୟାଲୟ ଶିକ୍ଷା କାର୍ଯ୍ୟକ୍ରମ୍ ପ୍ରାଧିକରଣ୍- ଓସେପା ତର୍‌ଫୁ ସ୍ୱତନ୍ତ୍ର ମାର୍ଗଦର୍ଶିକା ଜାରି କରାଯାଇଛେ । ଇ ବାବ୍‌ଦେ ସବୁ ଜିଲ୍ଲା ଶିକ୍ଷା ଅଧିକାରୀ ଆଉ ସମଗ୍ର ଶିକ୍ଷା ଜିଲ୍ଲା ପ୍ରକଳ୍ପ ସଂଯୋଜକମାନ୍‌କୁ ଚିଠି କରାଯାଇଛେ । ଖରାଛୁଟି ଆଘୋନୁ ଛାତ୍ରଛାତ୍ରୀମାନ୍‌କୁ ୟୁନିଫର୍ମ ଦିଆଯିବାର୍ ବାବ୍‌ଦେ ଆଘୋନୁ ଗଣଶିକ୍ଷା ବିଭାଗ୍ ତର୍‌ଫୁ ନିର୍ଦ୍ଦେଶ୍

ଦିଆଯାଇଥିଲା । ଇତାକେ ପାଲନ୍ କର୍ବାର୍ ସହେତେ ତୁର୍ତି ଜିଲ୍ଲାସ୍ତରୀୟ କମିଟି ୟୁନିଫର୍ମ ବାଂଟ୍ବାର୍ ଉପ୍ରେ ଜୋର୍ ଦେବାର୍କେ କୁହାଯାଇଛେ ।

ଆର୍ଏସ୍ସିଏଲ୍ କାର୍ଯ୍ୟକାରୀ କମିଟି ବୈଠକ୍  ଆଇ ଆଣ୍ଡ୍ ପି.ଆର୍

ଭୁବ୍ନେଶ୍ୱର୍ ଖାରବେଳ ଭବନ୍ ଠାନେ ଅତିରିକ୍ତ ମୁଖ୍ୟ ଶାସନ୍ ସଚିବ ଉଷା ପାଢ଼ୀଙ୍କର୍ ଅଧ୍ୟକ୍ଷତାଥି ରାଉର୍କେଲା ସ୍ମାର୍ଟ ସିଟି ଲିମିଟେଡ୍ର କାର୍ଯ୍ୟକାରୀ କମିଟି ବୈଠକ୍ ଗଲାକାଏଲ୍ ହେଇଯାଇଛେ । ସ୍ମାର୍ଟ ସିଟି ପ୍ରକଳ୍ପର୍ ସ୍ଥାୟୀତ୍ୱ ରାଜସ୍ୱ ବୃଦ୍ଧି ଆଉ ପ୍ରକଳ୍ପମାନ୍ ସାର୍ବାର୍ ବାବ୍ଦେ ବୈଠକ୍ଥି ଆଲୋଚନା ହେଇଛେ । ଶହେ ୬ କୋଟି ଟଙ୍କାର୍ ଆଇସିସି ପ୍ରକଳ୍ପଥି ଶହେ ୯ ଟା ଜାଗା ନ ୫ ଶହ ୯୪ ଟା କେମ୍ରା କାର୍ଯ୍ୟକ୍ଷମ୍ କରାଯାଇଛେ । ଇତାର୍ଛଡ଼ା ଡେରିଥି ଚାଲୁଥିବା ପ୍ରକଳ୍ପମାନ୍କର୍ ନିର୍ମାଣ୍ କାମ୍କେ ଜଲ୍ଦି ଶେଷ୍ କର୍ବାର୍କେ ବୈଠକ୍ଥି ନିଷ୍ପତି ନିଆଯାଇଛେ ।

ସ୍ୱାସ୍ଥ୍ୟକେନ୍ଦ୍ର-ଏନ୍.କ୍ୟୁ.ଏ.ଏସ୍ ପୁରସ୍କାର ଆର୍ଏନ୍ୟୁ/ ସମ୍ବଲପୁର

ସମ୍ବଲ୍‌ପୁର୍ ଜିଲ୍ଲାର୍ ୩ ଟା ସର୍‌କାରୀ ହସ୍ପିଟାଲ୍‌କେ ରାଷ୍ଟ୍ରୀୟ ଗୁଣବତା ସୂଚକ ମାନଦଣ୍ଡ ଏନ୍.କ୍ୟୁ.ଏ.ଏସ୍ ପୁରସ୍କାର୍ ମିଲିଛେ । ଅଇଁଠାପାଲି ସହରାଂଚଲ୍ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର, ବାମ୍‌ରା ବ୍ଲକ୍‌ର ଗୁର୍ଲା ଆୟୁଷ୍ମାନ୍ ଆରୋଗ୍ୟ ମନ୍ଦିର ଆଉ ରେଢ଼ାଖୋଲ୍ ବ୍ଲକ୍‌ର ଚାର୍‌ମାଲ୍ ଆୟୁଷ୍ମାନ୍ ଆରୋଗ୍ୟ ମନ୍ଦିର୍‌କେ ଇ ପୁରସ୍କାର୍ ମିଲିଥିବାର୍ ଜନାପଡ଼ିଛେ ।

ଗ୍ରୀଷ୍ମପ୍ରବାହ ମୁକାବିଲା-ପ୍ରସ୍ତୁତି ବୌଦ୍ଧ ସମ୍ବାଦଦାତା

ବୌଦ୍ଧ ଜିଲ୍ଲାପାଳ୍‌ଙ୍କର୍ ସଦ୍‌ଭାବନା ସଭାଗୃହ ନ ଜିଲ୍ଲାପାଳ୍ ବିଭୂତି ଭୂଷଣ୍ ନାୟକଙ୍କର୍ ଅଧ୍ୟକ୍ଷତାଥି ଜିଲ୍ଲା ନ ଗ୍ରୀଷ୍ମପ୍ରବାହ ମୁକାବିଲା ଲାଗି ଗୁଟେ ପ୍ରସ୍ତୁତି ବୈଠକ୍ ହେଇଯାଇଛେ । ପିଇବାର୍ ପାଏନ୍ ଯୁଗାବାର୍, ଝାଡମରା ମୁକାବିଲା ସହେତେ ସବୁ ପ୍ରାଥମିକ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ମାନ୍‌କେ ଓଆର୍‌ଏସ୍ ମହଜୁଦ୍ ରଖିବାର୍ ଲାଗି ଜିଲ୍ଲାପାଳ୍ ନିର୍ଦ୍ଦେଶ୍ ଦେଇଛନ୍ ।

ପାଣିପାଗ      ଆର୍‌ଏନ୍‌ୟୁ/ ସମ୍ବଲପୁର

କାଲ୍‌ବୈଶାଖୀର୍ ପ୍ରଭାବ୍‌ଥି ରାଜ୍ୟର୍ ଭିନ୍ ଭିନ୍ ଜାଗା ନ ବର୍ଷା ଲାଗି ରହିଛେ । ଆଏବା ୨ ଦିନ୍‌ତକ୍ ରାଜ୍ୟର୍ ପାଖାପାଖି ସବୁ ଜିଲ୍ଲା ନ ଧୁକାଗର୍ଡ଼ି ସହେତେ ବର୍ଷା ହେଇପାରେ ବଲି ଭୁବ୍‌ନେଶ୍ୱର୍ ଆଂଚଲିକ୍ ବିଜ୍ଞାନ୍ କେନ୍ଦ୍ର ତର୍‌ଫୁ ଅନୁମାନ୍ କରାଯାଇଛେ । ତାର୍ ଉତ୍‌ରୁ ରାଜ୍ୟର୍ ଜିଲ୍ଲାମାନ୍‌କେ ଦିନର୍ ତାପମାତ୍ରା ସାମାଏନ୍ ବଢ଼୍‌ବାର୍ ସମ୍ଭାବନା ରହିଛେ ।